

# ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ, ଏବେ ଅଙ୍କକଷା

କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ଏହା ଅନ୍ତର୍ଗତ ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଆଦି ୬ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଭୋଟ ଗ୍ରହଣ ଶେଷ ହୋଇଛି। ଇଭିଏମରେ ସିଲ୍ ହୋଇଛି ମୋଟ ୬୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ। କଟକ ଲୋକସଭା କ୍ଷେତ୍ର ପାଇଁ ୧୦ଜଣ ଓ ୬ବିଧାନସଭା କ୍ଷେତ୍ର ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦରରେ ମୋଟ ୫୯ ଜଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କଟକ ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ଡ. ସଂନ୍ତୃପ୍ତ ମିଶ୍ର, ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ସେହିପରି ଆଠଗଡ଼ ବିଧାନସଭା ଆସନରେ ୭ଥରର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଡ଼ମ୍ବାରୁ ୬ଥର ବିଧାୟକ ବିଜେଡିର ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର, ବାଙ୍କୀରେ ପୂର୍ବତନ ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ, ବିଜେଡି ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ, ଚୌ÷ଦ୍ୱାର କଟକରେ ବିଜେଡି ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ବୋହୁ କଂଗ୍ରେସ ପ୍ରାର୍ଥୀ ମୀରା ମଲ୍ଲିକ, ବିଜେପିର ନୟନ କିଶୋର ମହାନ୍ତି, କଟକ ସଦରରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା, ବାରବାଟୀ-କଟକରେ ପୂର୍ବତନ ବିଧାୟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା, ବିଧାୟକ ମୋକିମଙ୍କ ଝିଅ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିରଦୋସ ଓ ବିଜେପି ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ଭାଗ୍ୟ ଇଭିଏମରେ ବନ୍ଦ ହୋଇଯାଇଛି। ନିର୍ବାଚନ ଶେଷ ହୋଇଥିବା ବେଳେ ଏବେ ହାରଜିତକୁ ନେଇ ଆଜି ଠାରୁ ଆରମ୍ଭ ହୋଇଯାଇଛି ଅଙ୍କକଷା।

## ସଖୀ ବୁଥ୍‌ରେ ସେଲ୍‌ଫି ଜୋନ୍



ଚଳିତ ନିର୍ବାଚନରେ ପିଙ୍କ୍ ବୁଥ୍ ପରିବର୍ତ୍ତେ ଖୋଲାଯାଇଥିଲା ସଖୀ ବୁଥ୍। କଟକ ସହରାଞ୍ଚଳର ୧୦୬ଟିକୁ ମିଶାଇ ଜିଲ୍ଲାରେ ମୋଟ୍ ୨୮୭ଟି ସଖୀ ବୁଥ୍ ହୋଇଥିଲା। ତେବେ ଏଠାକାର ସ୍ୱତନ୍ତ୍ର ବ୍ୟବସ୍ଥା ସବୁ ମତଦାତାଙ୍କୁ ଆକର୍ଷିତ କରିଥିଲା। କେତେକ ସ୍ଥାନରେ ହୋଇଥିବା ସଖୀ ବୁଥରେ ଛୋଟ ପିଲାଙ୍କ ନିମନ୍ତେ ଆମୋଦପ୍ରମୋଦର ବ୍ୟବସ୍ଥା କରାଯାଇଥିଲା। ଭୋଟ୍ ଦେବାକୁ ଆସୁଥିବା ଅଭିଭାବକ ମାନେ ନିଜ ପିଲାଙ୍କୁ ଆଣି ଆସିଥିବା ବେଳେ କୁନିକୁନି ପିଲାମାନେ ସଖୀ ବୁଥ୍‌ର ସ୍ୱତନ୍ତ୍ର ବ୍ୟବସ୍ଥାର ମଜା ନେଇଥିଲେ। ସମସ୍ତ ସଖୀ ବୁଥ୍‌ରେ ସେଲ୍‌ଫି ଜୋନ୍ ଥିବା ବେଳେ ମତଦାତାମାନେ ଏଠାରେ ଫଟୋ ଉଠାଇବାର ସୁଯୋଗ ପାଇଥିଲେ। ଏପରିକି କିଛି ସ୍ଥାନରେ ମତଦାତାଙ୍କ ନିମନ୍ତେ ପ୍ରତୀକ୍ଷାକେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା। ଏଣୁ ଭୋଟରଙ୍କୁ ଧାଡ଼ିରେ ଛିଡା ହେବାକୁ ପଡ଼ିନଥିଲା। କିଛି ସଖୀ ବୁଥ୍‌ର ପ୍ରବେଶ ଦ୍ୱାରରେ ଭୋଟରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଯାଉଥିବା ମଧ୍ୟ ଦେଖିବାକୁ ମିଳିଛି।

### ଜିଲ୍ଲାର ୬ବିଧାନସଭା ଆସନରେ ସରିଲା ଭୋଟ

# ଗ୍ରାମାଞ୍ଚଳରେ ମତଦାନ ହାର ଅଧିକ



କଟକ, ୨୫।୫(ସମିସ)

ଲୋକସଭା କ୍ଷେତ୍ର ଅନ୍ତର୍ଗତ ଜିଲ୍ଲାର ୬ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ବିଭିନ୍ନ ସ୍ଥାନରେ ଇଭିଏମରେ ତ୍ରୁଟି କାରଣରୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। କେତେକ ଜାଗାରେ ନୂତନ ଇଭିଏମ ଦିଆଯିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଭୋଟର ସଚେତନତା ସତ୍ତ୍ୱେ ଏଥର ଭୋଟଦାନ ହାର ବୃଦ୍ଧି ପାଇନାହିଁ। ଏହାକୁ ନେଇ ପ୍ରାର୍ଥୀ ମାନେ ଚିନ୍ତାରେ ପଡ଼ିଛନ୍ତି। ମତଦାନ ହାର ହ୍ରାସ ପାଇବାର ଏକ ଟ୍ରେଣ୍ଡ ଗତ ତିନି ନିର୍ବାଚନରେ ଦେଖିବାକୁ ମିଳିଛି। ୨୦୧୪ତୁଳନାରେ ୨୦୧୯ରେ ଭୋଟଦାନ ହାର କମିଥିବା ବେଳେ ୨୦୨୪ରେ ପୁଣି ୨୦୨୯ତୁଳନାରେ କମିଛି। ତେବେ କେତେଦୂର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଛି। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ଗ୍ରାମାଞ୍ଚଳ ତୁଳନାରେ ଏଥର ସହରାଞ୍ଚଳରେ ଭୋଟଦାନ ହାର କମ ରହିଛି।

ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ୫୫.୧୭ ପ୍ରତିଶତ ରହିଥିବା ବେଳେ ଚୌଦ୍ୱାର-କଟକରେ ୫୫.୪୬ପ୍ରତିଶତ ରହିଛି। ସେହିପରି ଆଠଗଡ଼ରେ ୭୩.୬ପ୍ରତିଶତ, ବଡମ୍ବାରେ ୭୦.୨୩ ପ୍ରତିଶତ, ବାଙ୍କୀରେ ୭୩ ପ୍ରତିଶତ ଓ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ସର୍ବାଧିକ ୬୭ପ୍ରତିଶତ ଓ ଖଣ୍ଡପଡ଼ାରେ ୬୩.୫ ପ୍ରତିଶତ ରହିଥିବା ଜଣାପଡ଼ିଛି। ସେହିପରି କଟକ ଲୋକସଭା ନିର୍ବାଚନମଣ୍ଡଳୀରେ ଭୋଟଦାନ ହାର ଅପରାହ୍ନ୫ଟା ସୁଦ୍ଧା ୫୬ପ୍ରତିଶତ ଥିଲା। ମତଦାନ ହାର ହ୍ରାସ ପାଇବା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି।

ଗତ ୨୦୧୪ ନିର୍ବାଚନରେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ମାତ୍ର ୫୯.୯ପ୍ରତିଶତ ଥିଲା ବେଳେ ୨୦୧୯ରେ ୫୬.୭୧ପ୍ରତିଶତକୁ ହ୍ରାସ ପାଇଥିଲା। ସେହିପରି ଚୌଦ୍ୱାର-କଟକରେ ଗତ ୨୦୧୪ ନିର୍ବାଚନରେ ମତଦାନ ହାର ଥିଲା ୬୨ପ୍ରତିଶତ। ହେଲେ ୨୦୧୯ରେ ମତଦାନ ହାର ୫୯.୫୪ପ୍ରତିଶତକୁ ହ୍ରାସ ପାଇଥିଲା। କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୪ ନିର୍ବାଚନରେ ମତଦାନ ହାର ୭୦.୭ପ୍ରତିଶତ ଥିଲା ବେଳେ ୨୦୧୯ରେ ବି ଏଠାରେ ୭୦.୫୪ପ୍ରତିଶତ ହୋଇଥିଲା ମତଦାନ। ଚଳିତ ନିର୍ବାଚନରେ ପ୍ରାୟତଃ ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ରୁ୮ ପ୍ରତିଶତ ଅଧିକ ନୂଆ ଭୋଟର ସୃଷ୍ଟି ହୋଇଥିଲେ। ତଥାପି ଭୋଟଦାନ ହାର କମିବାର କାରଣ ଅସ୍ପଷ୍ଟ ରହିଛି।

## ନେତାଙ୍କ ମତଦାନ

ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଭୋଟରଙ୍କ ଗହଣରେ ଲମ୍ବାଧାଡ଼ିରେ ଛିଡ଼ା ହୋଇ ଭୋଟ୍ ଦେଇଥିଲେ। ବିଜୁ ଜନତା ଦଳର ଲୋକସଭା ସାଂସଦ ପ୍ରାର୍ଥୀ ଡଃ ସଂନ୍ତୃପ୍ତ ମିଶ୍ର ସିଡିଏ ସେକ୍ଟର-୭ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ବୁଥ୍‌ରେ ପତ୍ନୀ ଅଳକା ମିଶ୍ରଙ୍କ ସହ ଆସି ଭୋଟ୍ ଦେଇଥିଲେ। ବିଜେପି ଲୋକସଭା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଚାନ୍ଦିନୀଚୌକସ୍ଥିତ ପ୍ରାଥମିକ ବିଦ୍ୟାଳୟରେ, କଂଗ୍ରେସ ଲୋକସଭା ସାଂସଦ ପ୍ରାର୍ଥୀ ସୁରେଶ ମହାପାତ୍ର ୱାର୍ଡ ନଂ-୪୩ ଅନ୍ତର୍ଗତ ଅପର୍ଣ୍ଣାନଗର ସୀତାଦେବୀ ବିଦ୍ୟାଳୟରେ ଭୋଟ୍ ଦେଇଥିଲେ। ସେହିପରି ବାରବାଟୀ-କଟକର ବିଧାୟିକା ପ୍ରାର୍ଥିନୀ ସୋଫିଆ ଫିର୍ଦୋଶ ଖଟବିନ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓ ବିଜେପିର ବିଧାୟକ ପ୍ରାର୍ଥୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସିଡିଏସ୍ଥିତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ବୁଥ୍‌ରେ ଭୋଟ ଦେଇଛନ୍ତି। ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ମହାନଦୀ ବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଛନ୍ତି। ପ୍ରାର୍ଥୀଙ୍କ ବ୍ୟତୀତ ବିଭିନ୍ନ ଦଳର ଟାଣୁଆ ନେତା ମଧ୍ୟ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ଭୋଟ୍ ଦେଇଛନ୍ତି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଝାଞ୍ଜିରୀମଙ୍ଗଳା ଅଞ୍ଚଳରେ ହୋଇଥିବା ମତଦାନ କେନ୍ଦ୍ରରେ ଭୋଟ୍ ଦେଇଥିଲେ। ବିଜେପିର ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ସୟଦ ସେମିନାରୀ ସ୍କୁଲରେ ଏବଂ ବିଜେପି ନେତା ଅନୁଭବ ମହାନ୍ତି ଝୋଲାସାହି ଅଞ୍ଚଳର ଏକ ବୁଥ୍‌ରେ ଭୋଟ୍ ଦେଇଥିଲେ।










## ଗଣତନ୍ତ୍ରର ମହାପର୍ବରେ ସଭିଏଁ ସାମିଲ

ସହଜେ ଅଣ୍ଟା ସଳଖି ଛିଡ଼ା ହୋଇ ନପାରୁଥିବା ବୃଦ୍ଧ, ବୃଦ୍ଧା ବି ନିଜ ମତ ଦେଇଛନ୍ତି। ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ସାମ୍ବିଧାନିକ ଅଧିକାରକୁ ସେମାନେ ସାବ୍ୟସ୍ତ କରିଛନ୍ତି। ସହରର ବିଭିନ୍ନ ମତଦାନ କେନ୍ଦ୍ରରେ ଏଭଳି ଅନେକ ଲୋକଙ୍କୁ ଦେଖିବାକୁ ମିଳିଥିଲା। କିଏ ପରିବାର ଲୋକଙ୍କ ହାତ ଧରି ତ ଆଉ କିଏ ହୁଇଲ ଚେୟାରେ ବସି ଭୋଟ୍ ଦେବାକୁ ଆସିଥିଲେ। ୮୦ବର୍ଷ ବୟସାଧିକ ଅନେକ ବ୍ୟକ୍ତି ମଧ୍ୟ ଭିଡ ଭିତରୁ ବାରି ହୋଇ ପଡ଼ିଥିଲେ। ଖଟ୍‌ବିନ୍ ସାହି ଅଞ୍ଚଳରେ ହୋଇଥିବା ମତଦାନ କେନ୍ଦ୍ରରେ ରମା ବେଉରା(୮୦), ଫଣିନ୍ଦ୍ରନାଥ ସିଂ(୮୫) ଓ ଫୁଲ ଦେଇ(୮୭)ଙ୍କ ଭଳି ବୟସ୍କ ଭୋଟର ଅନେକଙ୍କ ପାଇଁ ଉତ୍ସାହ ମଧ୍ୟ ଆଣିଥିଲେ। ଏହାଛଡ଼ା ନେହେରୁପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ କୃଷ୍ଣାଶ୍ରମର ସଦସ୍ୟ ମାନେ ମତଦାନ କରିଛନ୍ତି। କୃଷ୍ଣାଶ୍ରମରେ ଚିକିତ୍ସିତ ହେଉଥିବା କିଛି ରୋଗୀ ଗଣତନ୍ତ୍ରର ଏହି ପର୍ବରେ ସାମିଲ ହୋଇ ଖୁସି ବ୍ୟକ୍ତ କରିଥିଲେ।











## ୱେବ୍‌କାଷ୍ଟିଂ ଦ୍ୱାରା ବୁଥ୍ ଉପରେ ନଜର

ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିବାକୁ ପ୍ରଶାସନ ପକ୍ଷରୁ ଡିଆରଡିଏ କାର୍ଯ୍ୟାଳୟରେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ଏଠାରୁ ସମ୍ପୂର୍ଣ୍ଣ ଜିଲ୍ଲାର ସ୍ଥିତି ଅନୁଧ୍ୟାନ କରିଥିଲେ। ଶ୍ରୀ ଡାକୁଆଙ୍କ ସୂଚନା ମୁତାବକ, ଜିଲ୍ଲାର ମୋଟ୍ ୮୪୩ଟି ବୁଥ୍‌କୁ ଏହି ବ୍ୟବସ୍ଥା ମାଧ୍ୟମରେ ଯୋଡ଼ାଯାଇଥିଲା। ଭୋଟରମାନେ ଶାନ୍ତିଶୃଙ୍ଖଳାରେ ଭୋଟ୍ ଦେଉଛନ୍ତି କି ନାହିଁ ଜାଣିବା ନିମନ୍ତେ ୱେବକାଷ୍ଟିଂ କରାଯାଇଥିଲା। ସକାଳ ୫.୩୦ରୁ ସନ୍ଧ୍ୟା ପ୍ରାୟ ୭ଟା ପର୍ଯ୍ୟନ୍ତ ବୁଥ୍ ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ଏପରିକି ପୁଲିଂ ଅଫିସରଙ୍କ ଗାଡ଼ିକୁ ମଧ୍ୟ ଟ୍ରାକ୍ କରାଯାଇଥିଲା। ସେମାନେ ଡ୍ୟୁଟି ସ୍ଥଳରେ ଅଛନ୍ତି କି ନାହିଁ ତାହା ଉପରେ ମଧ୍ୟ ଦୃଷ୍ଟି ଦିଆଯାଇଥିଲା ବୋଲି ସେ କହିଛନ୍ତି। ସେ ଏହା ମଧ୍ୟ କହିଥିଲେ ଯେ, ୫ଟି ବିଭାଗର ସମନ୍ୱୟରେ ୱେବକାଷ୍ଟିଂ କରାଯାଇଛି। ଯେଉଁଠାରେ ସାମାନ୍ୟତମ ବିଶୃଙ୍ଖଳା ପରିଲକ୍ଷିତ ହୋଇଥିଲା, ତୁରନ୍ତ ସେଠାକୁ ପୁଲିସ ପଠାଯାଉଥିଲା। କଣ୍ଟ୍ରୋଲ ରୁମ୍‌ରେ ୫୦ରୁ ଅଧିକ କର୍ମଚାରୀ ସିଫ୍ଟ ଅନୁସାରେ କାର୍ଯ୍ୟ କରୁଥିଲେ। ହଟ୍ ଲାଇନ୍ ଜରିଆରେ ପୁଲିସ ବିଭାଗ ସହ ମଧ୍ୟ ଯୋଗାଯୋଗ ରଖାଯାଇଥିଲା ବୋଲି ଶ୍ରୀ ଡାକୁଆ ସୂଚନା ପ୍ରଦାନ କରିଛନ୍ତି।



## ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଯୁବକଙ୍କ ଗଳାକାଟି ହତ୍ୟା !

# ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍‌ର ଛାନ୍‌ଭିନ୍

**କଟକ/ସାଲେପୁର, ୨୫।୫(ସମିସ)**

ଜଗତପୁର ଥାନା ପାଗା ଫାଣ୍ଡି ଅଞ୍ଚଳରେ ଗତକାଲି ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ଅତି ଅମାନୁଷିକ ଭାବେ ଗଳା କାଟି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ଗୋପୀନାଥପୁର ପ୍ରଧାନପଡ଼ାର ପ୍ରଶାନ୍ତ ପ୍ରଧାନଙ୍କ ପୁଅ ତାପସ ପ୍ରଧାନ(୨୦)। ଘର ପାଖ ପାଠାଗାର ନିକଟରେ ଶୋଇଥିବା ଅବସ୍ଥାରେ ତାଙ୍କୁ ହତ୍ୟା କରାଯାଇଛି। ପୁଲିସ ପହଞ୍ଚି ଶବ ଜବତ କରି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଏଭଳି ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ଉଠିଛି।

ପୁଲିସ ସୂଚନା ଅନୁସାରେ, ପ୍ରବଳ ଗରମ ହେଉଥିବାରୁ ତାପସ ଗତ କିଛି ଦିନ ହେବ ଘର ପାଖ ପାଠାଗାର ବାହାରେ ରାତିରେ ଶୋଉଥିଲେ। ଗତ ରାତିରେ ଘରୁ ଖାଇ ପିଇ ସେଠାକୁ ଯାଇଥିଲେ। ତେବେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଆସି କୌଣସି ଏକ ଧାରୁଆ ମାରଣାସ୍ତ୍ରରେ ତାଙ୍କର ଗଳା କାଟି ଦୌଡ଼ି ପଳାଇଥିଲା। ତାପସର ଚିତ୍କାର ଶୁଣି ପାଖାପାଖି ଶୋଇଥିବା ଅନ୍ୟମାନେ ଉଠି ଘଟଣାସ୍ଥଳକୁ ଯାଇ ଦେଖିଥିଲେ ଯେ, ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଛନ୍ତି। ତୁରନ୍ତ ତାଙ୍କୁ ମେଡିକାଲ୍ ନିଆଯାଇଥିଲା। ତେବେ ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପାଗା ଫାଣ୍ଡି ଅଧିକାରୀ କୁଞ୍ଜବିହାରୀ ଧଳ ସଦଳବଳେ ପହଞ୍ଚିଥିଲେ। ପରେ ଜଗତପୁର ଥାନା ଅଧିକାରୀ ଓମପ୍ରକାଶ ମହାନ୍ତି, ଜୋନ୍ ଏସିପି ଅରୁଣ ସ୍ୱାଇଁ, ଏଡିସିପି ଅନୀଲ ମିଶ୍ର ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସକାଳେ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏହି ସମୟରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଗ୍ରାମବାସୀ ହୋହଲ୍ଲା କରିଥିଲେ। ପରେ ପୁଲିସ ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାଡ ଡକାଇ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଥିଲା। ସେଠାରୁ ହତ୍ୟାକାଣ୍ଡ ସମ୍ପର୍କିତ କିଛି ସୁରାକ ପୁଲିସର ହସ୍ତଗତ ହୋଇଛି। ଏନେଇ ସ୍ଥାନୀୟ ଲୋକଙ୍କ ସୂଚାନୁସାରେ, ତାପସ ସେହି ଗ୍ରାମର ଜୈନିକ ଯୁବତୀଙ୍କୁ ପ୍ରେମ କରୁଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ପରିବାର ମଧ୍ୟରେ ଅନେକ ଦିନ ଧରି ତିକ୍ତତା ଲାଗି ରହିଥିଲା। ଝିଅଠୁ ଦୂରେଇ ରହିବା ପାଇଁ ଯୁବତୀଙ୍କ ପରିବାର ସଦସ୍ୟ ତାପସଙ୍କୁ ତାଗିଦ କରିଆସୁଥିଲେ। ଏପରିକି ପୂର୍ବରୁ ଥରେ ସେମାନେ ନିସ୍ତୁକ ମାଡ ମାରିଥିଲେ। ଏହାପରେ ବି ତାପସ ଉକ୍ତ ଯୁବତୀଙ୍କ ସହ ମିଳାମିଶା କରିବାରୁ ତାଙ୍କୁ ମାରଧର କରିବା ସହ ହତ୍ୟା ଧମକ ଦିଆଯାଇଥିଲା। ତେବେ ବହୁ ବିବାଦ ପରେ ଗତ ୬ ମାସ ତଳେ ଉଭୟଙ୍କ ପରିବାର ମଧ୍ୟରେ ଆପୋଷ ବୁଝାମଣା ମଧ୍ୟ ହୋଇଥିଲା। ଏଣୁ ଯୁବତୀଙ୍କ ପରିବାର ସଦସ୍ୟ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିବା ମୃତକଙ୍କ ପରିବାର ସଦସ୍ୟଙ୍କ ସମେତ କିଛି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ଜଗତପୁର ଥାନା ପୁଲିସ କେସ ନଂ ୩୦୬/୨୪ରେ ଏକ ମାମଲା ରୁଜୁ କରିଛି। ତାପସର କିଛି ଘନିଷ୍ଠ ସାଙ୍ଗଙ୍କୁ ପଚରାଉଚରା ସହ ୨ରୁ ୩ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ଅନ୍ୟପଟେ, ନିର୍ବାଚନ ସମୟରେ ହତ୍ୟାକାଣ୍ଡ ଘଟିବା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ତେଣୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଗ୍ରାମରେ ପୁଲିସ ଫୋର୍ସ ମୁତୟନ କରାଯାଇଛି।

## ବିକାଶ ସପକ୍ଷରେ ମତଦାନ:ପ୍ରକାଶ



**କଟକ, ୨୫।୫(ସମିସ):** ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ଶନିବାର ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ଭୋଟର ମତଦାନ କରିଛନ୍ତି। ଏହି ମତଦାନ ବିକାଶ ସପକ୍ଷରେ ହୋଇଥିବାରୁ ବିଜୁ ଜନତା ଦଳ ପୁଣି ଥରେ ନିଜ ଗଡ଼କୁ କବଜାକୁ ନେଉଥିବା ଦାବି କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା। ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥକୁ ଆଜି ସେ ବୁଲିଥିଲେ। ମତଦାନ ବ୍ୟବସ୍ଥା ଓ ସୁରକ୍ଷା ଆଦି ପ୍ରସଙ୍ଗରେ ପ୍ରଶାସନ ଅଧିକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସକାଳ ୭ଟା ସମୟରୁ ସହରବାସୀ ଭୋଟ ଦେବା ପାଇଁ ବୁଥ ମାନଙ୍କରେ ଭିଡ ଲଗାଇଥିଲେ। ସହରବାସୀଙ୍କ ସ୍ନେହ ଶ୍ରଦ୍ଧା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ପ୍ରକାଶ। ଚଳିତ ନିର୍ବାଚନରେ ପୁଲିସ ଓ ଜିଲ୍ଲା ପ୍ରଶାସନର ସଠିକ୍ ଭାବେ ପରିଚାଳନା ଯୋଗୁଁ ନିରପେକ୍ଷ ଭାବେ ନିର୍ବାଚନ ପକ୍ରିୟା ଶେଷ ହୋଇଛି। ଭୋଟ ଦେବା ସମୟରେ ପ୍ରତିଟି ବୁଥରେ ଭୋଟର ଓ ପ୍ରଥମ କରି ଭୋଟ ଦେଇଥିବା ଯୁବପୀଢ଼ୀଙ୍କ ମଧ୍ୟରେ ଭୋଟ ଦେବା ପାଇଁ ରହିଥିବା ଉତ୍ସାହ ପାଇଁ ଯେଉଁ ଫଳାଫଳ ଆସିବ ସେଥିରେ ପୂର୍ଣ୍ଣ ଆଶାବାଦୀ ରହିଛି। ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କ ଯେଉଁ ଭଲପାଇବା ମିଳିଛି, ବିଜେଡିର ଭଲ ଫଳାଫଳ ହେବ ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା।

## ଇଭିଏମ୍ ଅଚଳକୁ ନେଇ ଉତ୍ତେଜନା

**କଟକ, ୨୫।୫(ସମିସ):** ଇଭିଏମ ମେସିନ୍ ଅଚଳ ହୋଇପଡ଼ିବା ନେଇ ନିମସାହି ପ୍ରାଇମେରୀ ସ୍କୁଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସ୍କୁଲର ୧୯୭ନଂ ବୁଥ୍ରେ ଭୋଟ ଦେବାପାଇଁ ଶତାଧିକ ଭୋଟର ସକାଳ ସାଢ଼େ ୬ଟାରୁ ଧାଡ଼ି ଲଗାଇଥିଲେ। ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ବରିଷ୍ଠ ନାଗରିକ ରହିଥିଲେ। ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିଲେ ହେଁ ମେସିନ୍ କାମ କରି ନଥିଲା। ଏହାପରେ ଦାୟିତ୍ୱରେ ଥିବା ଅଧିକାରୀମାନେ ମେସିନ୍‌କୁ ଚଳାଇବା ପାଇଁ ଉଦ୍ୟମ କରିଥିଲେ, ହେଲେ ସେଥିରେ ବିଫଳ ହୋଇଥିଲେ। ଏହିପରି ଭାବେ ପ୍ରାୟ ଦେଢ଼ଘଣ୍ଟା ବିତିଯାଇଥିଲା। ଏତେ ସମୟଧରି ଭୋଟରମାନେ ଅପେକ୍ଷା କରି ରହିଥିଲେ ହେଁ ସେମାନଙ୍କ ପାଇଁ କୌଣସି ପ୍ରତିକ୍ଷା ଗୃହ ନଥିଲା। ଫଳରେ ଜଣେ ବରିଷ୍ଠ ନାଗରିକ ଅସୁସ୍ଥ ହୋଇପଡ଼ିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବରିଷ୍ଠ ପୁଲିସ ଅଧିକାରୀ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ, ହେଲେ କେହି ତାଙ୍କ କଥାକୁ ଶୁଣି ନଥିଲେ। ପରିସ୍ଥିତି ଜଟିଳ ହେବାକୁ ଲାଗିବାରୁ ଏ ନେଇ ଜିଲା ପ୍ରଶାସନଙ୍କ ସହାୟତା ଲୋଡ଼ାଯାଇଥିଲା। ପ୍ରଶାସନ ତରଫରୁ ୪ଜଣ ଆସି ପହଞ୍ଚିବା ପରେ ମେସିନ୍ ସଜଡ଼ା ଯାଇଥିଲେ। ଏହାପରେ ୮ଟା ୪୫ରେ ଉକ୍ତ ବୁଥରେ ଭୋଟଗ୍ରହଣ ସ୍ୱାଭାବିକ ହେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବିଶ୍ୱଶାନ୍ତି ଯଜ୍ଞ ଅବସରରେ ରକ୍ତଦାନ ଶିବିର

**ସାଲେପୁର, ୨୫।୫(ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ମାଳଶାସନ ଗ୍ରାମରେ ଶ୍ରୀ ଶ୍ରୀ ସିଦ୍ଧଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଏଲ୍‌ଏମ୍ ହସ୍ପିଟାଲ ତ୍ରିବେଣୀଶ୍ୱର ଓ ରୋଟାରୀ କ୍ଲବ୍ ଅଫ୍ କଟକର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉଦ୍‌ଘାଟନ କରିଥିବାବେଳେ ମହୋତ୍ସବ କମିଟିର ମୁଖ୍ୟ ରମେଶ ଚନ୍ଦ୍ର ଜେନା, ମାଳଶାସନ ଗ୍ରାମପଞ୍ଚାୟତର ସମିତିସଭ୍ୟ ଅମରେନ୍ଦ୍ର ବେହୁରା ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଲ୍‌ଏମ୍ ହସ୍ପିଟାଲର ମୁଖ୍ୟ ମହେଶ ଲେଙ୍କା ଓ ରୋଟାରୀ କ୍ଲବ୍ ଅଫ୍ କଟକ ପକ୍ଷରୁ ରୋଟାରିୟାନ୍ ବିଶ୍ୱରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୪୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରକୁ ଶୁଭ୍ରକାନ୍ତ ଜେନା, ଅମରେଶ ଗାୟା, ଶିବାନୀପ୍ରସାଦ ଲେଙ୍କା, ସୁଜିତ୍ ମହାନ୍ତି, ଗୋବର୍ଦ୍ଧନ ବେହେରା, ତନ୍ମୟ ଦାଶ, ପ୍ରଭାତ ସାହୁ, ସମ୍ପର୍କ ରଞ୍ଜନ ଲେଙ୍କାଙ୍କ ସମେତ ମହୋତ୍ସବ କମିଟିର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।

## ହକର୍ ଭାଇଙ୍କ ପାଇଁ ଦିନଟିଏ...

**କଟକ, ୨୫।୫(ସମିସ):** ରୌପ୍ୟନଗରୀ କଟକରେ ଆରମ୍ଭ ହୋଇଥିଲା ଓଡ଼ିଆ ଖବରକାଗଜର ସ୍ୱର୍ଣ୍ଣିମ ଯୁଗ। ଏଣୁ କଟକକୁ ଖବରକାଗଜର ଅନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବନାହିଁ। ଖବରକାଗଜ ଛାପା ହେବା ପରେ ଏହାକୁ ନେଇ ପାଠକଙ୍କ ନିକଟରେ ପହଞ୍ଚାଇବା ପାଇଁ ଯେଉଁମାନେ ବୃତ୍ତି ବୋଲି ବାଛି ନେଇଥିଲେ, ସେମାନଙ୍କୁ ହକର୍ ବା ବିକ୍ରେତା ବୋଲି ସମ୍ବୋଧନ କରାଯାଇଥିଲା। ଆଜି ହେଉଛି ଅନ୍ତର୍ଜାତୀୟ ହକର୍ ଦିବସ। ସେମାନଙ୍କ ନିମନ୍ତେ ବର୍ଷର ଗୋଟିଏ ଦିନ ଉତ୍ସର୍ଗ କରାଯାଇଛି। ବର୍ଷ ତମାମ୍ ପାଠକଙ୍କ ନିକଟରେ ଖବରକାଗଜ ପହଞ୍ଚାଉଥିବା ହକର ଭାଇମାନେ କୁହନ୍ତି ଯେ...

### ● ସରକାର ଦାବି ଶୁଣନ୍ତୁ



ମେ ୨୬ ତାରିଖକୁ ବିଶ୍ୱ ହକର ଦିବସ ଭାବେ ପାଳନ କରାଯାଉଛି। ଖରା, ବର୍ଷା, ଶୀତକୁ ଖାତିର ନକରି ଖବରକାଗଜ ହକର ବର୍ଷ ସାରା ଖବର କାଗଜ ବିକ୍ରି କରେ। ହକରମାନଙ୍କ ବହୁତ ସମସ୍ୟା ରହିଛି। କରୋନା ମହାମାରୀ ସମୟରେ ସରକାର ଓଡ଼ିଶାର ପ୍ରାୟ ୮୦୦୦ ହକରଙ୍କୁ ୬୦୦୦ଟଙ୍କା ଲେଖାଏ ଆର୍ଥିକ ସାହାଯ୍ୟ କରିଥିଲେ। ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ହକରମାନଙ୍କୁ ରେନିକୋଟ୍ ଏବଂ ଶୀତବସ୍ତ୍ର ପ୍ରଦାନ କରାଯାଉ। ବାସ ସ୍ଥାନ ଓ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯାଉ। ଏ ସବୁ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରୁଛୁ। ସରକାର ଏ ଦିଗରେ ଦୃଷ୍ଟି ଦିଅନ୍ତୁ।

-ପ୍ରଭାସ ପ୍ରଧାନ

### ● ଇ-ପେପର୍ ଯୋଗୁଁ ଖବରକାଗଜ ଚାହିଦା କମିଛି



୨୬ ବର୍ଷ ହେବ ଖବରକାଗଜ ବିତରକ ଭାବରେ କାର୍ଯ୍ୟ କରୁଛି। ଏହି ସମୟ ମଧ୍ୟରେ ବହୁ ଦୁଃଖ କଷ୍ଟ ସହିଛି। କରୋନା ପରଠାରୁ ଖବରକାଗଜ ପୂର୍ବ ଭଳି ବିକ୍ରି ହେଉନାହିଁ। ବିତରକ ମାନେ ଖବରକାଗଜ ବିକ୍ରି ପାଇଁ ପହଞ୍ଚିବା ପୂର୍ବରୁ ଲୋକେ ଇ-ପେପର ମୋବାଇଲରେ ପାଇ ଯାଉଛନ୍ତି। ଫଳରେ ଖବରକାଗଜର ଚାହିଦା ହ୍ରାସ ପାଉଛି। ଦିନ୧୦ଟା ପରେ ଖବରକାଗଜର ଇ-ପେପରକୁ ଇଣ୍ଟରନେଟରେ ଛଡାଯାଉ। ଏଥିସହ ପିଡିଏଫ୍ ଫାଇଲ୍ ସେୟାର ଉପରେ ରୋକ୍ ଲଗାଯାଉ। ପୁଣି ପୂର୍ବ ପରି ଖବରକାଗଜ ପହଞ୍ଚିବାକୁ ପାଠକ ଅପେକ୍ଷା କରି ରହିବେ।

- ସନ୍ତୋଷ ମହାନ୍ତି

### ● ଖବରକାଗଜ ବିକ୍ରି ନିଶାରେ ପରିଣତ ହୋଇଛି



୩୯ବର୍ଷ ତଳେ ଖବର କାଗଜ ବିକ୍ରି ଆରମ୍ଭ କରିଥିଲି। ଚାନ୍ଦିନୀଚୌକ ଠାରୁ ବକ୍ସି ବଜାରରୁ ଖବର କାଗଜ ନେଇ ସହରଯାକ ବୁଲି ବୁଲି ବିକ୍ରି କରୁଥିଲି। ସେତେବେଳେ ହାତଗଣତି ଖବରକାଗଜ ରହିଥିଲା। କିଛି ଖବରକାଗଜର ସନ୍ଧ୍ୟା ସଂସ୍କରଣ ରହିଥିଲା। ଲୋକେ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ସନ୍ଧ୍ୟା ସମୟରେ ପ୍ରକାଶିତ ଖବରକାଗଜ ପଢ଼ିବା ପାଇଁ ଅପେକ୍ଷା କରି ରହୁଥିଲେ। ହେଲେ ଏବେ ସେ ସମୟ ଆଉ ନାହିଁ। ଦିନକୁ ଦିନ କିଛି ଲୋକ ଖବରକାଗଜ ମଗାଇବା ବନ୍ଦ କରି ଦେଲେଣି। ଯେତେ ବାଧା ବିଘ୍ନ ଆସିଲେ ବି ଏହି ପେଶା ତଥା ଖବରକାଗଜ ବିକ୍ରି ନିଶାରେ ପରିଣତ ହୋଇସାରିଛି।

- ରଘୁନାଥ ପାଣିଗ୍ରାହୀ

### ● ପରିଶ୍ରମର ମୂଲ୍ୟ ମିଳୁନି



ଭୋର ସମୟରୁ ଉଠି ଖବରକାଗଜ କିଣି ଲୋକଙ୍କ ଘରେ ପହଞ୍ଚାଇବା ସହଜ କଥା ନୁହେଁ। ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ପାଠକଙ୍କୁ ନିରାଶ କରୁନାହୁଁ। କିନ୍ତୁ ପରିଶ୍ରମ ତୁଳନାରେ ମୂଲ୍ୟ ମିଳୁନି। ବର୍ଷ ତମାମ ପାଠକଙ୍କ ପାଖରେ ଆମେ ଖବରକାଗଜ ପହଞ୍ଚାଇଥାଉ। ବହୁ ସମୟରେ ପାଠକଙ୍କ ଠାରୁ ବିକ୍ରି ବାବଦ ଟଙ୍କା ମିଳେନି। ମାସ ମାସ ଦୌଡିବାକୁ ପଡେ। ଅନେକ ବର୍ଷ ହେବ କଟକରେ ଖବରକାଗଜ ବିକ୍ରି କରି ଆସୁଛି। ବିକ୍ରେତାମାନଙ୍କର ଦୁଃଖ ଅନେକ। ତଥାପି ଖବରକାଗଜ ଗ୍ରାହକଙ୍କ ଘରେ ପହଞ୍ଚାଇବାରେ ସନ୍ତୁଷ୍ଟି ମିଳିଥାଏ।

- ଦୀନବନ୍ଧୁ ସାହୁ

## ମହମ୍ମଦପୁରରେ ବୁଦ୍ଧଜୟନ୍ତୀ, ସ୍ମରଣିକା ଉନ୍ମୋଚନ




**ନିଶ୍ଚିନ୍ତକୋଇଲି, ୨୫।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତର ବୌଦ୍ଧ ସଂଘ ଆନୁକୂଲ୍ୟରେ ଭଗବାନ ବୁଦ୍ଧଦେବଙ୍କର ଜୟନ୍ତୀ ପାଳନ କରାଯାଇଛି। ସଂଘ ପକ୍ଷରୁ ବାବାଜି ଚରଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ବୁଦ୍ଧଦେବଙ୍କର ସମାଜ ଗଠନ ପ୍ରତି ରହିଥିବା ଅବଦାନ ଏବଂ ଅହିଂସାବାଣୀ ଓ ନିର୍ବାଣପ୍ରାପ୍ତି ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହି ଅବସରରେ ବୌଦ୍ଧ ସଂଘ ପକ୍ଷରୁ ପ୍ରକାଶିତ ହୋଇଥିବା ସ୍ମରଣିକା ବୋଧିସ୍ୱତ୍ୱ ଏକ ଚେତନାର ଜାଗରଣକୁ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ସରୋଜ କୁମାର ବେହେରା, ବୌଦ୍ଧ ଗବେଷକ ବନମାଳୀ ରାଉତ, ଶିକ୍ଷାବିତ୍ ଗଜେନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ବୁଦ୍ଧଦେବଙ୍କ ପ୍ରଚାରିତ ବାଣୀ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅଭିମନ୍ୟୁ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରୁବିନା ପାତ୍ର ଓ ଚିନ୍ମୟୀ ପାତ୍ର କବିତା ପାଠ ଏବଂ ବୌଦ୍ଧ ଧର୍ମ ସଂଘମିତ୍ରା ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ସୁବାସ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନ୍ଦରଗ୍ରାମ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

**କଣ୍ଟାପଡ଼ା, ୨୫।୫(ସମିସ):** ଚଳିତବର୍ଷ ସୁନ୍ଦରଗ୍ରାମ ରଜ ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ୧୩ ତାରିଖରୁ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର କଳା ସଂସ୍କୃତି, ଖାଦ୍ୟ, ପରମ୍ପରା, ଗୀତିନାଟ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହିତ କଳା ସଂସ୍କୃତି ଏବଂ ଓଡ଼ିଶୀ ପରମ୍ପରାର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଏସ୍‌ଜି ସ୍ପୋର୍ଟିଙ୍ଗ କ୍ଲବ୍ ସୁନ୍ଦରଗ୍ରାମ ଦ୍ୱାରା ଆୟୋଜିତ ଏହି ଚୂଡ଼ାନ୍ତ ପ୍ରସ୍ତୁତି ବୈଠକରେ ଆଶୋକ ପାତ୍ର, ସରୋଜିନୀ ଆଚାର୍ଯ୍ୟ, ସୁଶ୍ରୀ ମୀରା ଦାଶ, ଶିରିଶ ମହାନ୍ତି, ରେଣୁବାଳା ମହାନ୍ତି, ମାନବେନ୍ଦ୍ର ମିଶ୍ର, ଅଜିତ ଦାସ, ରଞ୍ଜିତ ଜେନା, ତ୍ରିଲୋଚନ ବେହରା, ଆଶିଷ ମହାନ୍ତି, ଚନ୍ଦନ ମହାନ୍ତି, ବିନୟ ଦାସ, ନିଗମ ମହାନ୍ତି, ଅଭିଳାଷ ମହାନ୍ତି ଓ ସୁମନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଶ୍ରାଦ୍ଧବାର୍ଷିକୀ



**କଟକ, ୨୫।୫(ସମିସ):** ବୀରେନ ମିତ୍ର ଫାଉଣ୍ଡେସନ ଆନୁକୂଲ୍ୟରେ ସକାଳୁ କଟକସ୍ଥିତ ଗଡ଼ଗଡ଼ିଆ ଘାଟରେ ବୀରେନ ମିତ୍ରଙ୍କ ପାଇଁ ତିଳ ତର୍ପଣ ଅର୍ପଣ କରାଯାଇଥିଲା। କଟକ ମିଶନ ରୋଡ୍‌ସ୍ଥିତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସଭା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ସାଧାରଣ ସମ୍ପାଦକ ନିମାଇଁ ସାହୁ, ସାଧାରଣ ସମ୍ପାଦକ ସୋମିତ ମିତ୍ର, ଅଣନାତି ଅଭେତ ମିତ୍ର, କୋଷାଧକ୍ଷ ଅମିତ ମିତ୍ର, ଉପ ସଭାପତି ଆଦିତ୍ୟ ନାରାୟଣ ସ୍ୱାଇଁ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଏଥର ଶତ ପ୍ରତିଶତ ସଫଳ ହେଲା 'ସଖୀ ବୁଥ୍'

# ସହରରେ ମତଦାନ ଶାନ୍ତିପୂର୍ଣ୍ଣ

**କଟକ, ୨୫।୫(ସମିସ)**

ରୌପ୍ୟନଗରୀରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ସାଧାରଣ ନିର୍ବାଚନ-୨୦୨୪। ସହରର ୪୨୮ଟି ଭୋଟଗ୍ରହଣ କେନ୍ଦ୍ରରେ ବିଶୃଙ୍ଖଳା କିମ୍ବା କୌଣସି ପ୍ରକାର ଗଣ୍ଡଗୋଳ ଘଟିନଥିବା କମିସନରେଟ୍ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବୁଥ୍ ବାହାରେ କାଁ ଭାଁ ଗଣ୍ଡଗୋଳ ଘଟିଥିବା ବେଳେ ସମ୍ପୃକ୍ତ ଥାନା ଗୁଡ଼ିକରେ ଏ ସଂକ୍ରାନ୍ତରେ ଏତଲା ହୋଇନଥିବା ଜଣାପଡ଼ିଛି। ସହରର ୩ଟି ବୁଥ୍ରେ ଭୋଟ୍ ଗ୍ରହଣ ବିଳମ୍ବ ହୋଇଥିଲା। ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ୨୪ନମ୍ବର ବୁଥ୍, ୬ନମ୍ବର ବୁଥ୍ ଏବଂ ସଦର ନିର୍ବାଚନ ମଣ୍ଡଳୀର ୮୧ନମ୍ବର ବୁଥ୍ରେ ଇଭିଏମ୍ ଖରାପ ହେବା ଯୋଗୁଁ ବିଳମ୍ବରେ ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ସହରରେ ୮ରୁ ଅଧିକ ବୁଥ୍ରେ ମତଦାନରେ ବିଳମ୍ବ ଘଟିଥିବା କୁହାଯାଉଛି। ସେହିପରି ଭୋଟ୍ ଗ୍ରହଣ କେନ୍ଦ୍ରରେ ବିଳମ୍ବରେ ପହଞ୍ଚିବାରୁ ୧୯୮ ଓ ୧୭୪ ନମ୍ବର ବୁଥ୍ରେ ସଂଖ୍ୟାଧିକ ଭୋଟର ଭୋଟ୍ ନଦେଇ ଫେରି ଯାଇଥିବା ଦେଖିବାକୁ ମିଳିଥିଲା। ଏହି ୨ଟି ବୁଥ୍ରେ ସାଧାରଣ ଭୋଟର ପୁଲିଂ ଅଫିସରଙ୍କ ଉପରେ ଦୋଷ ଦେଇଥିବା ବେଳେ ପୁଲିଂ ଅଧିକାରୀ ଭୋଟର୍ଙ୍କୁ ଦୋଷ ଦେଇଥିବା ଜଣାପଡ଼ିଛି। ଭୋଟିଂ ସମୟ ଶେଷ ହେବା ପରେ ସମ୍ପୃକ୍ତ ଭୋଟଗ୍ରହଣ କେନ୍ଦ୍ରରେ ସ୍ଥାନୀୟ ଅଞ୍ଚଳର କେତେକ ଭୋଟର ପହଞ୍ଚି ହୋହଲ୍ଲା କରିଥିଲେ। ତେବେ କାର୍ଯ୍ୟରତ ପୁଲିସ ଅଧିକାରୀ ସେମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ଫେରି ଯାଇଥିବା ଜଣାପଡ଼ିଛି।

ଝୋଲାସାହି ଅଞ୍ଚଳ, ବିଡ଼ାନସୀ, ପୁରୀଘାଟ ଓ କ୍ୟାଣ୍ଟନ୍ମେଣ୍ଟ ଥାନା ଅଞ୍ଚଳରେ ଗଣ୍ଡଗୋଳ ଘଟିଥିବା

**● ୮ରୁ ଅଧିକ ବୁଥ୍‌ରେ ବିଳମ୍ବରେ ଭୋଟ**
**● ବୁଥ୍ ବାହାରେ କାଁ ଭାଁ ଗଣ୍ଡଗୋଳ**

ସୂଚନା ମିଳିଛି। ବୁଥ୍ ବାହାରେ କୌଣସି କାରଣରୁ କେତେକ ଯୁବକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଖବର ମିଳିଛି। ତେବେ ମତଦାନ ସଂକ୍ରାନ୍ତରେ ଏଡିସିପି ଅନୀଲ୍ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସହର ମଧ୍ୟରେ ହୋଇଥିବା ୪୨୮ଟି ବୁଥ୍ରେ କୌଣସି ପ୍ରକାର ଗଣ୍ଡଗୋଳ ଘଟିନାହିଁ। ଶାନ୍ତିପୂର୍ଣ୍ଣ ଭାବେ ପୁଲିସର ସହଯୋଗରେ ମତଦାନ ଶେଷ ହୋଇଛି।



ଅନ୍ୟପକ୍ଷରେ କଟକର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୧୪୪ ଧାରା ବଳବତ୍ତର ରହିଛି। ଏହି ୧୪୪ ଧାରା ଗତକାଲି ସନ୍ଧ୍ୟା ୫ଟାରୁ ଲାଗୁ ହୋଇ ଥିବା ବେଳେ ଆସନ୍ତା କାଲି ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ କଟକ, ଚୌଦ୍ୱାର କଟକ ଓ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ସମଗ୍ର ଅଞ୍ଚଳରେ ୧୪୪ ଧାରା ଜାରି କରିଥିଲେ। କଟକ ଡିସିପି ପ୍ରକାଶ ଆର୍ଙ୍କ ତତ୍ତ୍ୱାବଧାନରେ ମତଦାନ କରାଯାଇଥିଲା। ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ କମିସନରେଟ୍ ପୁଲିସ୍ କଡ଼ା ସୁରକ୍ଷା ଯୋଗାଇ ଦେଇଥିଲା। ୭୦ ପ୍ରତିଶତ ବୁଥ୍ରେ ୱେବ୍କାଷ୍ଟିଂ କରାଯାଇଥିଲା। ୧୨୫ଟି ସମ୍ବେଦନଶୀଳ ବୁଥ୍ ଉପରେ ପୁଲିସ କଡ଼ା ନଜର ରଖିଥିଲା। ଏହି ବୁଥ୍ଗୁଡ଼ିକରେ ଗଣ୍ଡଗୋଳ ଘଟିନଥିବା ଜଣାପଡ଼ିଛି। ସହରରେ ୧୦୬ଟି ସଖି ବୁଥ୍ ପ୍ରତିଷ୍ଠା କରାଯାଇଥିଲା। ଏହି ବୁଥ୍ରେ ଭୋଟର୍ମାନେ ଶାନ୍ତିଶୃଙ୍ଖଳାର ସହିତ ନିଜର ମତଦାନ କରିଥିଲେ।

# ବିଭିନ୍ନ ସ୍ଥାନରେ ଶୃଙ୍ଖଳିତ ଭୋଟଗ୍ରହଣ

ନିଶ୍ଚିନ୍ତକୋଇଲି, ୨୫ ।୫(ସମିସ)



କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ଭୋଟଗ୍ରହଣ କରାଯାଇଛି । ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତରେ ମୋଟ ୬୦ଟି ବୁଥ୍‌ରେ ଶୃଙ୍ଖଳିତ ଭାବେ ଭୋଟ ଗ୍ରହଣ କରାଯାଇଛି । ଭୋଟ ଆରମ୍ଭରୁ ଅଳ୍ପ କେତୋଟି ବୁଥ୍‌ରେ ଇଭିଏମ୍‌ର ସାମାନ୍ୟ ତ୍ରୁଟି ଯୋଗୁଁ ବିଳମ୍ବରେ ଭୋଟ ଗ୍ରହଣ କରାଯାଇଥିଲା । ଭୋଟ ଗ୍ରହଣର ନିର୍ଦ୍ଧାରିତ ସମୟ ମଧ୍ୟରେ ଭୋଟ ଗ୍ରହଣ ଶେଷ ହୋଇନଥିଲା । କେତେକ ବୁଥ୍‌ରେ ଭୋଟରମାନେ ଖରାରେ ଧାଡ଼ିରେ ଠିଆ ହୋଇ ଭୋଟ ଦେବାକୁ ଅପେକ୍ଷା କରି କଷ୍ଟ ଅନୁଭବ କରିଥିବାରୁ ଅସନ୍ତୋଷ ପ୍ରକଟ କରିଥିଲେ । ପ୍ରଶାସନ ପକ୍ଷରୁ ବୁଥ୍‌ଗୁଡ଼ିକ ବାହାରେ ପାଲ ଟଣା ହୋଇନଥିବାରୁ ପ୍ରବଳ ଖରାରେ ଭୋଟରମାନେ ଧାଡ଼ିରେ ଛିଡ଼ା ହୋଇ ଆଉଟପାଉଟୁ ହୋଇଥିବାର ଦେଖାଯାଇଥିଲା ।

ଏହି ୬୦ଟି ବୁଥ୍ ମଧ୍ୟରୁ ଆଦୌ ଉତ୍ତେଜନା ପ୍ରବଣ ବୁଥ୍ ନଥିବା ବେଳେ ମୋଟ୍ ୧୯ଟି ବୁଥ୍‌ରେ ଗଣ୍ଡଗୋଳକୁ ଲକ୍ଷ୍ୟ କରି ପ୍ରଶାସନ ପକ୍ଷରୁ ସିସି କ୍ୟାମେରା ଲଗାଯାଇଥିଲା । ଏହି ୧୪ଟି ପଞ୍ଚାୟତରେ ମୋଟ୍ ଭୋଟର ସଂଖ୍ୟା ୫୪ହଜାର ୬୧୫ ହୋଇଥିବା ବେଳେ ମହିଳା ଭୋଟର ସଂଖ୍ୟା ୨୬ହଜାର ୩୫୬, ପୁରୁଷ ଭୋଟର ସଂଖ୍ୟା ୨୮ ହଜାର ୨୫୭ ଏବଂ ୨ଜଣ ତୃତୀୟଲିଙ୍ଗୀ ଭୋଟର ତାଲିକାରେ ରହିଥିଲେ । ଏହି ୧୪ଟି ପଞ୍ଚାୟତରେ ଆନୁମାନିକ ୭୦ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି ।

## ୬୩ ବୁଥ୍‌ରେ ମତଦାନ କଲେ ଭୋଟର



**ଚୌଦ୍ୱାର, ୨୫।୫(ସମିସ):** ଚୌଦ୍ୱାରରେ ଭୋଟଦାନ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି । ଚୌଦ୍ୱାର ପୌରପାଳିକାର ୧୯ ଟି ୱାର୍ଡରେ ମୋଟ ୩୮ ଟି ଭୋଟଦାନ କେନ୍ଦ୍ର ହୋଇଥିଲା । ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗ୍ରାହାଟ, ନଖରା, ବାଣୀପଦା, ଇନ୍ଦାଣୀପାଟଣା, କୟଳପଡ଼ା ଆଦି ୫ଟି ପଞ୍ଚାୟତରେ ଥିବା ୨୫ଟି ଭୋଟଦାନ କେନ୍ଦ୍ରରେ ଭୋଟରମାନେ ଭୋଟଦାନ କରିଥିଲେ । ଚୌଦ୍ୱାର ପୌରପାଳିକାର ୧୭, ୨, ୫, ୧୯ ଆଦି ୱାର୍ଡରେ ଭୋଟିଂ ମେସିନ୍‌ରେ ତ୍ରୁଟି ଦେଖା ଦେଇଥିବାରୁ ସେସବୁ କେନ୍ଦ୍ରରେ ଭୋଟଦାନ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା । ପରେ ବୈଷୟିକ ଟିମ୍ ଦ୍ୱାରା ତୁରନ୍ତ ନୂତନ ମେସିନ୍ ଲଗାଯାଇ ଭୋଟ ଦାନ ପ୍ରକ୍ରିୟାକୁ ସ୍ୱାଭାବିକ କରାଯାଇଥିଲା । ପ୍ରବଳ ଖରା ଓ ଗୁଳୁଗୁଳି ହେତୁ ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ଭୋଟଦାନ କେନ୍ଦ୍ର ଗୁଡ଼ିକରେ ଗହଳି କମ୍ ରହିଥିବାବେଳେ ଅପରାହ୍ଣରେ କେନ୍ଦ୍ରଗୁଡ଼ିକରେ ଭୋଟରମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା । ଭିଡ଼ ହେତୁ ଅନେକ କେନ୍ଦ୍ରରେ ସଂଧ୍ୟା ୬.୩୦ପର୍ଯ୍ୟନ୍ତ ଭୋଟଦାନ ଜାରି ରହିଥିବା ଖବର ମିଳିଛି । ସନ୍ଧ୍ୟା ୬ଟା ସୁଦ୍ଧା ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ହୋଇଥିବା ଜଣାପଡ଼ିଛି ।

## କାମ କଲାନି ଭିଭିପାଟ୍; ମତଦାନ ୨ଘଣ୍ଟା ବିଳମ୍ବ




**ଫୁଲନଖରା, ୨୫ ।୫(ସମିସ):** କଟକ ସଦର ନିର୍ବାଚନ ମଣ୍ଡଳୀର ୬ଟି ୱାର୍ଡ ଓ କଟକ ସଦର ବ୍ଲକ ୪ନଂ ଜୋନ୍‌ର ୩ଟି ପଞ୍ଚାୟତରେ ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ ହୋଇଛି । ୫୮ ନଂ ୱାର୍ଡର ୧୬ନଂ ବୁଥ୍‌ରେ ଭିଭିପାଟ୍ ମେସିନ କାର୍ଯ୍ୟ ନ କରିବାରୁ ପ୍ରାୟ ୨ଘଣ୍ଟା ବିଳମ୍ବରେ ମତଦାନ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେହିଭଳି ଖଣ୍ଡାଏତା ପଞ୍ଚାୟତରେ ପ୍ରାୟ ୭୦ଜଣଙ୍କର ଭୋଟର ତାଲିକାରେ ନାମ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଯାହାକି ପରବର୍ତ୍ତୀ ସମୟରେ ସମାଧାନ ହୋଇଥିଲା । ଏତଦ୍‌ବ୍ୟତୀତ ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ ପ୍ରଚଣ୍ଡ ରୌଦ୍ରତାପକୁ ଭ୍ରୂକ୍ଷେପ ନକରି ମତଦାତାମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଥିଲା । ସଖି ଓ ୟୁଥ୍ ମ୍ୟାନେଜ୍‌ଡ ବୁଥ୍‌ଗୁଡ଼ିକୁ ସୁନ୍ଦର ଭାବେ ସଜ୍ଜିତ କରାଯିବା ସହ ଉପରେ ତୋରଣ ଓ ତଳେ ମ୍ୟାଟ୍ ଆଦି ବିଛା ଯାଇଥିଲା । ଯାହା ଫଳରେ ମତଦାତାମାନେ କିଛିମାତ୍ରାରେ ସୂର୍ଯ୍ୟତାପରୁ ରକ୍ଷା ପାଇ ପାରିଥିଲେ । କିନ୍ତୁ ସାଧାରଣ ବୁଥ୍ ଗୁଡ଼ିକରେ କୌଣସି ପ୍ରକାର ବ୍ୟବସ୍ଥା ନଥିବାରୁ ମତଦାତାମାନେ ଖରାରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଥିଲା । ସବୁ ବୁଥ୍‌ଗୁଡ଼ିକରେ ଆଶାକର୍ମୀଙ୍କ ଦ୍ୱାରା ଥଣ୍ଡା ଜଳ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଏତଦ୍ ବ୍ୟତୀତ ସବୁ ବୁଥ୍‌ରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍କାଉଟ୍‌ସ ଗାଇଡ୍‌ସଙ୍କୁ ସେବା କର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ଅସୁସ୍ଥ ମତଦାତାଙ୍କୁ ଏହି ସ୍ୱେଚ୍ଛାସେବୀ ତିନିଚକିଆ ରିକ୍ସାରେ ମତଦାନ କେନ୍ଦ୍ରକୁ ନେବା ଆଣିବା କରିଥିଲେ । ପ୍ରଥମଥର ପାଇଁ ଭୋଟ ଦେଉଥିବା ଯୁବପିଢ଼ିଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା ।

## ଆଠଗଡ଼ରେ ୬୩.୬୫ ପ୍ରତିଶତ ମତଦାନ

ତିଗିରିଆ, ୨୫।୫(ସମିସ)

ଚଳିତ ସାଧାରଣ ନିର୍ବାଚନ ପାଇଁ ଶନିବାର ଆଠଗଡ଼ ବିଧାନସଭା କ୍ଷେତ୍ରରେ ମୋଟ ୬୩.୬୫ ପ୍ରତିଶତ ମତଦାନ ହୋଇଛି । ଆଠଗଡ଼ ବ୍ଲକ ଅନ୍ତର୍ଗତ ୩୪ ପଞ୍ଚାୟତ, ଆଠଗଡ଼ ଏନ୍‌ଏସି ଓ ତିଗିରିଆ ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ଲୋକେ ଭୋଟ୍ ଦେଇଥିଲେ । ଆଠଗଡ଼ ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ

**୧୨ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍**

**ରାଧାଗୋବିନ୍ଦପୁର ମତଦାନ କେନ୍ଦ୍ରରେ ଭୋଟଦେଲେ ରଣେନ୍ଦ୍ର**



ରୂପେ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚଳିତ ସାଧାରଣ ନିର୍ବଚାନରେ ଆଠଗଡ଼ ବ୍ଲକ ଅନ୍ତର୍ଗତ ରାଧାଗୋବିନ୍ଦପୁର ମତଦାନ କେନ୍ଦ୍ରରେ ଭୋଟ ଦେଇଛନ୍ତି । ସରକାରୀ ଆଇନ ଅନୁଯାୟୀ ଲମ୍ବା ଲାଇନରେ ଦୀର୍ଘ ସମୟ ଛିଡ଼ା ହେବା ପରେ ନିଜର ମତଦାନ ସାବ୍ୟସ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସାକ୍ଷାତ କରି ଶ୍ରୀ ସ୍ୱାଇଁ ଆଠଗଡ଼-ତିଗିରିଆ ନିର୍ବାଚନ ମଣ୍ଡଳୀର ଭୋଟର ଭାଇଭଉଣୀମାନଙ୍କୁ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ନିଜ ନିଜର ସୁଚିନ୍ତିତ ମତଦାନ କରିବା ସହିତ ନିଜର ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିବା ସହ ବିଶେଷ କରି ନୂତନ ଭୋଟରମାନେ ଏକ ନୂତନ ଓଡ଼ିଶା ଗଠନ ଦିଗରେ ନିଜର ସୁଚିନ୍ତିତ ମତଦାନ କରିବା ପୂର୍ବକ ନୂତନ ଓଡ଼ିଶା ଗଠନରେ ବିଜୁ ଜନତା ଦଳ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଛନ୍ତି । ସେହିପରି ବିରପ୍ରତାପପୁରରେ ମତଦାନ କରିଥିଲେ ବିଜେପି ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକ । କନ୍ଦରପୁରରେ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ ଭୋଟ୍ ଦେଇଥିଲେ ।



ବଡ଼ମ୍ବା ବିଜେଡି ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ରଙ୍କ ମତଦାନ

## ୩୨ ନମ୍ବର ଜୋନ୍‌ରେ ମତଦାନ

**କଟକ, ୨୫ ।୫(ସମିସ):** କଟକ ଲୋକସଭା ଓ ବାଙ୍କୀ ବିଧାନସଭା କ୍ଷେତ୍ର ପାଇଁ କାଁ ଭାଁ ଉତ୍ତେଜନାକୁ ବାଦ ଦେଲେ ଶାନ୍ତି ଶୃଙ୍ଖଳାର ସହ ମତଦାନ ସମାପ୍ତ ହୋଇଛି । ଶ୍ରୀବନ୍ତପୁର, ଦାଢ଼ାପାଟଣା, ମଧୁପୁର, ବେଲଗଛିଆ, କୁହ୍ନେଇପଡ଼ା, ରାମଦାସପୁର, ନରାଜ ଓ ମୁଣ୍ଡଲୀ ଆଦି ୮ ଟି ପଞ୍ଚାୟତର ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ବିଭିନ୍ନ ସ୍ଥାନରେ ଇଭିଏମ୍ ମେସିନ୍ ଘଣ୍ଟା ଘଣ୍ଟା ଧରି ଅଚଳ ହୋଇଥିବା ଦେଖାଯାଇଥିଲା । କେତେକ ବୁଥ୍‌ରେ ପିଇବା ପାଣିର ବ୍ୟବସ୍ଥା ନଥିବାରୁ ବରିଷ୍ଠ ନାଗରିକମାନେ ଅଚେତ ହେବା ଦେଖିବାକୁ ମିଳିଥିଲା । ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଅପେକ୍ଷା କରି କିଛି ଭୋଟର ଭୋଟ ନଦେଇ ଫେରିଯିବାର ଦେଖା ଯାଇଥିଲା । ପ୍ରଶାସନିକ ଅବ୍ୟବସ୍ଥା ପାଇଁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ତଥାପି ଅସହ୍ୟ ଗରମକୁ ଖାତିରି ନକରି ନୂଆ କରି ଭୋଟ ଦେଉଥିବା ଯୁବ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା ।

## ବାଙ୍କୀରେ ଶୃଙ୍ଖଳିତ ନିର୍ବାଚନ





**ବାଙ୍କୀ, ୨୫ ।୫(ସମିସ):** କଟକ ଜିଲ୍ଲା ବାଙ୍କୀ ନିର୍ବାଚନମଣ୍ଡଳୀରେ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଯାଇଛି । ନିର୍ବାଚନ ଅଧିକାରୀଙ୍କ ନିୟମ ଅନୁଯାୟୀ ସକାଳ ୭ଟା ରେ ଭୋଟ ଦେବାର ନିୟମ ରହିଥିବା ସମୟରେ ଇଭିଏମ୍ ଖରାପ ଥିବାରୁ ଅଧିକାଂଶ ବୁଥ୍‌ରେ ୧ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା । ୧୨୨, ୧୨୩, ୧୩୯ ସମେତ ଅଧିକାଂଶ ବୁଥ୍‌ରେ ଭୋଟ ଦେବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ପ୍ରଚଣ୍ଡ ଖରା ସହିତ ଗରମ ଓ ଗୁଳୁଗୁଳି ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ମତଦାନ ଟେଣ୍ଟ ବ୍ୟବସ୍ଥା କରାଯାଇ ନଥିବାରୁ ଲୋକେ ଖରାରେ ଅତିଷ୍ଠ ହୋଇପଡ଼ିଥିଲେ । ଏପରିକି କେତେକ ଭୋଟର ଭୋଟ ନଦେଇ ମତଦାନ କେନ୍ଦ୍ରରୁ ଚାଲିଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ଆବଶ୍ୟକ ମୁତାବକ ପୁଲିସ ନିୟୋଜିତ କରାଯାଇନଥିବାରୁ ଅଧିକାଂଶ ମତଦାନ କେନ୍ଦ୍ରରେ ଉତ୍ତେଜନା ସୃଷ୍ଟି ହୋଇଥିବା ଭୋଟରମାନେ ଅଭିଯୋଗ କରିଥିଲେ । ବାଙ୍କୀ ନିର୍ବାଚନମଣ୍ଡଳୀର ମୋଟ ୨୩୭ ବୁଥ୍‌ରୁ ସଖିବୁଥ ୨୫, ଯୁବ ମ୍ୟାନେଜ ବୁଥ ୨, ଇକୋ ଫ୍ରେଣ୍ଡଲି ବୁଥ ୪, ଆଦର୍ଶ ବୁଥ ୩୭ଟି ହୋଇଥିଲା । ସନ୍ଧ୍ୟା ୫ଟା ସୁଦ୍ଧା ୫୯.୧୭ ପ୍ରତଶତ ମତଦାନ ହୋଇଥିଲା ।

# ବିଜେଡିର କର୍ମୀ ସମାବେଶ, ନିର୍ବାଚନ ପ୍ରସ୍ତୁତି



ମାହାଙ୍ଗା



ସାଲେପୁର



ନିଶ୍ଚିନ୍ତକୋଇଲି




ଟାଙ୍ଗୀ

ମାହାଙ୍ଗା, ୨୫।୫(ସମିସ)

ମାହାଙ୍ଗା ବ୍ଲକ କୁସୁପୁର ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ ନନ୍ଦ କିଶୋର ବିଦ୍ୟାମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମାହାଙ୍ଗାର ବିଧାୟକ ପ୍ରତାପ ଜେନା ଓ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ପଞ୍ଚାୟତରେ ହୋଇଥିବା ବିକାଶ ମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଆଇନଜୀବୀ ଶ୍ରୀବନ୍ଧୁ ଜେନା, ପଞ୍ଚାୟତ ସଭାପତି ପଙ୍କଜ କୁମାର ସାହୁ, ଯୁବ ସଭାପତି ସୁଶାନ୍ତ କୁମାର ରାଉତରାୟ, ସରପଞ୍ଚ ମମତା ସାହୁ, ପ୍ରଶାନ୍ତ କୁମାର ରାଉତରାୟ, ଶିବଶଙ୍କର ସାହୁ, ସମିତିସଭ୍ୟା ମେନକା ଦାସ, ମକର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ସାଲେପୁର:** ଶିଶୁଆ ଗ୍ରାମ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ କର୍ମୀ ସମାବେଶ ସତ୍ୟଲକ୍ଷ୍ମୀ ମଣ୍ଡପରେ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଯୋଗଦେଇ ନବୀନ ସରକାରଙ୍କ ଓଡ଼ିଶାବାସୀଙ୍କ ପାଇଁ ଯେଉଁ ଯୋଜନାମାନ କରି ନିଜକୁ ଜନସେବାରେ ନିୟୋଜିତ କରି ଏକ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରି ଚାଲିଛନ୍ତି, ତାହା ଓଡ଼ିଶାବାସୀଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିବ । ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେଲେ ବିଜୁଳି ବିଲ୍ ଛାଡ଼, ସ୍ୱାସ୍ଥ୍ୟ କାର୍ଡରେ ସ୍ୱାସ୍ଥ୍ୟସେବା ସବୁ ବର୍ଗର ପରିବାର ସାମିଲ ହେବା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ବେହେରା ମତ ପୋଷଣ କରିଥିଲେ । ବିଧାନସଭା ଓ ଲୋକସଭା ନିମିତ୍ତ ବିଜେଡି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବରିଷ୍ଠ ବିଜେଡି ନେତା ତଥା ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ ମହାନ୍ତି, ଯୁବନେତା ସଞ୍ଜୀବ ସାହୁ ପ୍ରମୁଖ ବିଜେଡି ଦଳକୁ ବିଜୟୀ କରିବାପାଇଁ କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ରାଉତ, ଅଶୋକ ପ୍ରତାପ, ଚିତ୍ତରଞ୍ଜନ କାଣ୍ଡି, ଗଣେଶ୍ୱର ଦତ୍ତ, ସୁଦର୍ଶନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

**ଟାଙ୍ଗୀ:** ଆସନ୍ତା ଜୁନ୍ ୧ତାରିଖ ଶେଷ ପର୍ଯ୍ୟାୟ ନିର୍ବାଚନରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ସହ ସାଲେପୁରରେ ବିଧାନସଭା ଭୋଟ ଗ୍ରହଣ ହେବ । ଏଥିପାଇଁ ଟାଙ୍ଗୀ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି । ଦଳୀୟ ପୁଲିଂ ଏଜେଣ୍ଟ ସହ ବୁଥ୍ କମିଟି ଓ ୱାର୍ଡ କମିଟି କାର୍ଯ୍ୟକୁ ନେଇ ହରିଅନ୍ତା, କୋଟସାହି ଓ କହ୍ନେଇପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ତଥା ପ୍ରାର୍ଥୀ ପ୍ରଶାନ୍ତ ବେହେରା ଉପସ୍ଥିତ ରହି କର୍ମୀମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ଅନେକ ପରାମର୍ଶ ଦେଇଥିଲେ । ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ସଂଗଠକ ଜନ୍ମେଜୟ ଖିଲାର, ନରେନ୍ଦ୍ର ରାଉତରାୟ, ବାବାଜି ମହାନ୍ତି, ସୁକୁମାର ମହାରଣା, ଜିଲ୍ଲା ପରିଷଦ ସଭ୍ୟ ସ୍ୱାଧୀନ ମହାନ୍ତି, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ୧୩ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ନିଶ୍ଚିନ୍ତକୋଇଲି:** ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗୋପୀନାଥଜିଉ ମନ୍ଦିର ସମ୍ମୁଖରେ ବିଜୁ ଜନତା ଦଳର ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ବିଜେଡି ସଭାପତି ତଥା ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ୧୫ବର୍ଷ ବିଧାୟକ କାଳରେ ମାହାଙ୍ଗା ବିଧାନସଭା କ୍ଷେତ୍ରର ୬୪ଟି ପଞ୍ଚାୟତରେ ଯେଉଁ ସବୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି ସେ ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ଅବଗତ କରାଇଥିଲେ । ବୁହାଲୋ ପଞ୍ଚାୟତରେ ମଧ୍ୟ ବହୁ ବିକାଶମୂଳକ କାର୍ଯ୍ୟ କରାଯାଇଛି ବୋଲି କହିଥିଲେ । ଯେଉଁ ସବୁ କାର୍ଯ୍ୟ ବାକି ରହିଛି ଏଥର ନିର୍ବାଚନରେ ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇଲେ ତାହା ଦ୍ରୁତ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ । ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗ ଦେଇ ମାହାଙ୍ଗାକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପାଇଁ ଆଶୀର୍ବାଦ କାମନା କରିଥିଲେ । ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ପଞ୍ଚାୟତ ବିଜେଡି ସଭାପତି ମନ୍ମଥ ସାହୁ, ଗଗନବିହାରୀ ବରାଳ, ଆଶିଷ ସାହୁ, ମାୟାଧର ପରିଡ଼ା, ଅଚ୍ୟୁତାନନ୍ଦ ସାହୁ ଯୋଗ ଦେଇଥିଲେ ।

## ବାଲିଆପଦାରେ ଆଶୀର୍ବାଦ ସମାବେଶ

**ନିଶ୍ଚିନ୍ତକୋଇଲି, ୨୫ ।୫(ସମିସ):** ବାଲିଆପଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳର ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଛି । ବିଜେଡି ପଞ୍ଚାୟତ ସଭାପତି ପ୍ରଦୀପ୍ତ କିଶୋର ସାମନ୍ତରାୟଙ୍କ ପୌରୋହିତ୍ୟ ଓ ସରପଞ୍ଚଙ୍କ ପ୍ରତିନିଧି ଅଲେଖ ଚନ୍ଦ୍ର ସାମଲଙ୍କ ସଂଯୋଜନାରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ବିଗତ ୨୪ବର୍ଷ ମଧ୍ୟରେ ବିଜେଡି ସରକାର ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଯୋଗାଣ କ୍ଷେତ୍ରରେ ବହୁ ବିକାଶମୂଳକ କାର୍ଯ୍ୟ କରିଥିବା କହିଥିଲେ । ଏଥିସହ ବିଧାୟକ ପ୍ରତାପ ଜେନା ମଧ୍ୟ ମାହାଙ୍ଗାକୁ ଉନ୍ନତିର ଶୀର୍ଷରେ ପହଞ୍ଚାଇଛନ୍ତି ବୋଲି କହିଥିଲେ । ବିଜେଡି ସଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଆଶୀର୍ବାଦ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସରପଞ୍ଚ ଜୟନ୍ତୀ ଜେନା, ସମିତିସଭ୍ୟ ରାଜେଶ ବେହେରା, ନାଏବ ସରପଞ୍ଚ ଦେବେନ୍ଦ୍ରନାଥ ମଲ୍ଲ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରେଖାରାଣୀ ସାମନ୍ତରାୟ, ପୂର୍ବତନ ସରପଞ୍ଚ କୈଳାସ ସାମନ୍ତରାୟ, ଚିତ୍ତରଞ୍ଜନ ଦାସ, ଅରୁଣ ସାମନ୍ତରାୟ, ଲକ୍ଷ୍ମୀଧର ଲେଙ୍କା, ପ୍ରଶାନ୍ତ ବେହେରା, ଯଜ୍ଞେନ୍ଦ୍ରନାଥ ସାମନ୍ତରାୟ, ସୁବାଷ ମଳିକ, ରତ୍ନାକର ବେହେରା, ଦିବାକର ମହାନ୍ତି, ପୁରୁଷୋତ୍ତମ ମଲ୍ଲ, ନିରଞ୍ଜନ ଦାସ, ଯଶୋଦା ଦାସ, ଜୟପ୍ରକାଶ ନାୟକ ଓ ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଏଥର ବିଜୁ ଜନତା ଦଳର ଦୁଇ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ସଂକଳ୍ପ ନେଇଥିଲେ ।



